# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,କଳାହାଣ୍ଡି,ଭୂ-ଅର୍ଜନ ଶାଖା,ଭବାନୀପାଟଣା

**ଜ୍ଞାପକ ସଂଖ୍ୟା ୨୪୫ /ଭୂ-ଅର୍ଜନ          ତାରିଖ - ୨୮.୦୪.୨୬**

Multi-Disciplinary Expert Group (ବହୁଶୃଙ୍ଖଳିୟ ବିଶେଷଜ୍ଞ କମିଟି) ସୁପାରିଶ ରିପୋର୍ଟର ଏକକିତା ନକଲ ଜିଲ୍ଲାପାଳ, କଳାହାଣ୍ଡି/ଉପ-ଜିଲ୍ଲାପାଳ, ଭବାନୀପାଟଣା/ ତହସିଲଦାର, ନର୍ଲା/ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନର୍ଲା/ସରପଞ୍ଚ, ମାଣ୍ଡେଲ ଗ୍ରାମପଞ୍ଚାୟତ/ ସରପଞ୍ଚ, ରୁପ୍ରାରୋଡ ଗ୍ରାମପଞ୍ଚାୟତ ଙ୍କ ଅବଗତି ତଥା ବିସ୍ତୃତ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

Multi-Disciplinary Expert Group (ବହୁଶୃଙ୍ଖଳିୟ ବିଶେଷଜ୍ଞ କମିଟି) ସୁପାରିଶ ରିପୋର୍ଟର ଏକକିତା ନକଲ ପୂଜିପଦର ଓ ବିଲାଟ ଗ୍ରାମକୁ ଗ୍ରାମବାସୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ମନୀଷା ଗୁପ୍ତା
୨୮.୦୪.୨୬
**ଭୂ-ଅର୍ଜନ ଅଧିକାରୀ,କଳାହାଣ୍ଡି,**
**ଭବାନୀପାଟଣା**

**ଜ୍ଞାପକ ସଂଖ୍ୟା ୨୪୬ /ଭୂ-ଅର୍ଜନ          ତାରିଖ - ୨୮.୦୪.୨୬**

ଏହାର ଏକକିତା ନକଲ District e-Governace Manager (DeGM), Kalahandi ଙ୍କ ଅବଗତି ନିମନ୍ତେ ତଥା ଉପୋରୋକ୍ତ ସୁପାରିଶ ରିପୋର୍ଟକୁ ଜିଲ୍ଲା ୱେବସାଇଟରେ ବିସ୍ତୃତ ପ୍ରକାଶନ ନିମନ୍ତେ ପ୍ରଦର୍ଶନ କରିବା ପାଇଁ ପ୍ରେରଣ କରାଗଲା ।

ମନୀଷା ଗୁପ୍ତା
୨୮.୦୪.୨୬
**ଭୂ-ଅର୍ଜନ ଅଧିକାରୀ,କଳାହାଣ୍ଡି,**
**ଭବାନୀପାଟଣା**

**ଜ୍ଞାପକ ସଂଖ୍ୟା ୨୪୭ /ଭୂ-ଅର୍ଜନ          ତାରିଖ - ୨୮.୦୪.୨୬**

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଳାହାଣ୍ଡିର ସୂଚନା ଫଳକରେ ବିସ୍ତୃତ ପ୍ରକାଶନ ନିମନ୍ତେ ପ୍ରଦର୍ଶନ କରିବାପାଇଁ ପ୍ରେରଣ କରାଗଲା ।

ମନୀଷା ଗୁପ୍ତା
୨୮.୦୪.୨୬
**ଭୂ-ଅର୍ଜନ ଅଧିକାରୀ,କଳାହାଣ୍ଡି,**
**ଭବାନୀପାଟଣା**

**ଜ୍ଞାପକ ସଂଖ୍ୟା ୨୪୮ /ଭୂ-ଅର୍ଜନ          ତାରିଖ - ୨୮.୦୪.୨୬**

ଏହାର ଏକକିତା ନକଲ Co-ordinator, NCDS, Bhubaneswar ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ମନୀଷା ଗୁପ୍ତା
୨୮.୦୪.୨୬
**ଭୂ-ଅର୍ଜନ ଅଧିକାରୀ,କଳାହାଣ୍ଡି,**
**ଭବାନୀପାଟଣା**

**ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଧାରା ୭ ର ଉପଧାରା ୧ ମୁତାବକ କଳାହାଣ୍ଡି ଜିଲ୍ଲାରେ ନର୍ଲା ତହସିଲ ଅନ୍ତର୍ଗତ "ନର୍ଲା - ରୁପ୍ରା ଠାରୁ ପଲମ ରାସ୍ତାର ସାନ୍ଦୁଲ ନଦୀ ଉପରେ ସୁଉଚ୍ଚ ପୋଲ ନିର୍ମାଣ" ନିମନ୍ତେ ପୂଜିପଦର ଏବଂ ବିଲାଟ ଗ୍ରାମର ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ, ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ଜିଲ୍ଲାସ୍ତରୀୟ ବହୁଶୃଙ୍ଖଳିୟ ବିଶେଷଜ୍ଞ କମିଟିର ତା-୧୭.୦୩.୨୦୨୬ ରିଖ ପୂର୍ବାହ୍ନ ଘ. ୧୧.୦୦ ମି. ସମୟରେ ଜିଲ୍ଲାପାଳ, କଳାହାଣ୍ଡିଙ୍କ ସଭାଗୃହରେ ଅନୁଷ୍ଠିତ ବୈଠକର ବିବରଣୀ ଏବଂ ସୁପାରିଶ ରିପୋର୍ଟ ।**

---

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଧାରା ୭ ର ଉପଧାରା ୧ ମୁତାବକ କଳାହାଣ୍ଡି ଜିଲ୍ଲାର ନର୍ଲା ତହସିଲ ଅନ୍ତର୍ଗତ "ନର୍ଲା - ରୁପ୍ରା ଠାରୁ ପଲମ ରାସ୍ତାର ସାନ୍ଦୁଲ ନଦୀ ଉପରେ ସୁଉଚ୍ଚ ପୋଲ ନିର୍ମାଣ" ନିମନ୍ତେ ପୂଜିପଦର ଏବଂ ବିଲାଟ ଗ୍ରାମର ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ, ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ଜିଲ୍ଲାସ୍ତରୀୟ ବହୁଶୃଙ୍ଖଳିୟ ବିଶେଷଜ୍ଞ କମିଟିର ବୈଠକ ଜିଲ୍ଲାପାଳ, କଳାହାଣ୍ଡିଙ୍କ ସଭାଗୃହରେ ତା - ୧୭.୦୩.୨୦୨୬ ରିଖ ପୂର୍ବାହ୍ନ ଘ. ୧୧.୦୦ ମି. ରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନିମ୍ନଲିଖିତ ସଦସ୍ୟ/ସଦସ୍ୟା ତଥା ଅଧିକାରୀଗଣ ଉପସ୍ଥିତ ଥିଲେ ।

୦୧- ଅତିରିକ୍ତ ଜିଲ୍ଲାପାଳ (ରେଭେନ୍ୟୁ), କଳାହାଣ୍ଡି - ଅଧ୍ୟକ୍ଷ

୦୨- ଉପ-ଜିଲ୍ଲାପାଳ, ଭବାନୀପାଟଣାଙ୍କ ପ୍ରତିନିଧି - ଆବାହକ

୦୩- ତହସିଲଦାର, ନର୍ଲା - ସଦସ୍ୟ

୦୪- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନର୍ଲା - ସଦସ୍ୟ

୦୫- ଅଧିକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, କଳାହାଣ୍ଡି - ସଦସ୍ୟ

୦୬- ଡକ୍ଟର ଅଜୟ କୁମାର ମିଶ୍ର, ଅବସର ପ୍ରାପ୍ତ ରିଡର, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭବାନୀପାଟଣା - ସଦସ୍ୟ

୦୭- ଶ୍ରୀ ଜୟଧର ଶତନାମୀ, ଅବସର ପ୍ରାପ୍ତ ରିଡର, ସରକାରୀ ମହିଳା ମହାବିଦ୍ୟାଳୟ, ଭବାନୀପାଟଣା - ସଦସ୍ୟ

୦୮- ସରପଞ୍ଚ, ମାଣ୍ଡେଲ ଗ୍ରାମପଞ୍ଚାୟତ - ସଦସ୍ୟ

୦୯- ସରପଞ୍ଚ, ରୁପ୍ରା ରୋଡ ଗ୍ରାମପଞ୍ଚାୟତ - ସଦସ୍ୟ

୧୦- ଭୂ-ଅର୍ଜନ ଅଧିକାରୀ, କଳାହାଣ୍ଡି

୧୧- ଶ୍ରୀ ଦୀପକ କୁମାର ଦାଶ, ପ୍ରକଳ୍ପ ସଂଯୋଜକ, ଆର.ଏ.ସି, ଭୁବନେଶ୍ୱର

୧୨- ଶ୍ରୀ ବିଭୁତି ଭୂଷଣ କର, କାର୍ଯ୍ୟକ୍ରମ ସଂଯୋଜକ, ଆର.ଏ.ସି, ଭୁବନେଶ୍ୱର

ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ, କଳାହାଣ୍ଡି ତଥା ବିଶେଷଜ୍ଞ କମିଟିର ଅଧ୍ୟକ୍ଷ ସମସ୍ତ ସଦସ୍ୟ/ସଦସ୍ୟା ତଥା ଅଧିକାରୀଗଣଙ୍କୁ ସ୍ୱାଗତ ଜଣାଇଲେ । ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ ଉପରେ ମୂଲ୍ୟାୟନ ପାଇଁ ଗଠିତ ବିଶେଷଜ୍ଞ ଗୋଷ୍ଠୀର ଭୂମିକା ତଥା ବୈଠକର ବିଚାର୍ଯ୍ୟ ବିଷୟବସ୍ତୁ ଓ ନିଷ୍ପତ୍ତି ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ସମ୍ୟକ ସୂଚନା ପ୍ରଦାନ କଲେ ।

ଅଧିକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, କଳାହାଣ୍ଡି ପ୍ରକଳ୍ପର ଭୌଗଳିକ ରୂପରେଖ ସମ୍ପର୍କରେ ସମସ୍ତଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିବାକୁ ଯାଇ କହିଲେ :- କଳାହାଣ୍ଡି ଜିଲ୍ଲାର ନର୍ଲା ତହସିଲ ଅନ୍ତର୍ଗତ ନର୍ଲା - ରୁପ୍ରା ଠାରୁ ପଲମ ରାସ୍ତାର ସାନ୍ଦୁଲ ନଦୀ ଉପରେ ଏକ ସୁଉଚ୍ଚ ପୋଲ ନିର୍ମାଣ ନିମନ୍ତେ ପୂଜିପଦର ଗ୍ରାମର ମୋଟ ଏ. ୦.୨୮୦ ଡି. ଏବଂ ବିଲାଟ ଗ୍ରାମର ମୋଟ ଏ. ୦.୯୫୦ ଡି. ଘରୋଇ ଜମି ଅଧିଗ୍ରହଣ କରାଯିବ ।

ଓଡିଶା ସରକାରଙ୍କ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥାଇଥାନରେ ସ୍ୱଚ୍ଛତା ଆଇନ-୨୦୧୩ ର ଧାରା-୪(୧) ଅନୁଯାୟୀ, ଯେ କୌଣସି ପ୍ରକଳ୍ପର ନିର୍ମାଣ ପାଇଁ ଭୂମି ଅଧିଗ୍ରହଣ ପ୍ରକ୍ରିୟା ପୂର୍ବରୁ ଗୋଟିଏ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମ୍ପାଦନ ବାଧ୍ୟତାମୂଳକ ଅଟେ । ଏହି ପରିପ୍ରେକ୍ଷିରେ, ଉପରୋକ୍ତ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଉଦ୍ଦେଶ୍ୟରେ ଏକ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି । ଅଧ୍ୟୟନର ଉଦ୍ଦେଶ୍ୟ ଏବଂ କାର୍ଯ୍ୟ ପରିସରକୁ ଦୃଷ୍ଟିରେ ରଖି ଉଭୟ ଜନଗଣନା ସର୍ବେକ୍ଷଣ ଓ ନମୁନା ସର୍ବେକ୍ଷଣ ପଦ୍ଧତି ଅନୁସରଣ କରାଯାଇଛି । ଏହି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ପୂଜିପଦର ଓ ବିଲାଟ ଗ୍ରାମର ୦୨ ଟି ଲେଖାଏଁ ମୋଟ ୦୪ ଟି ପରିବାର ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ହେଉଛନ୍ତି । ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପରିବାରର ସର୍ବେକ୍ଷଣ କଲାବେଳେ ଜନଗଣନା ସର୍ବେକ୍ଷଣ ପଦ୍ଧତି ବ୍ୟବହାର କରାଯାଇଥିଲା ଏବଂ ପରୋକ୍ଷ ଭାବରେ ପ୍ରଭାବିତ ପରିବାର ମାନଙ୍କର ସର୍ବେକ୍ଷଣ ସମୟରେ ସରଳ ରାଣ୍ଡମ ପଦ୍ଧତିରେ ନମୁନା ସବୁର ଚୟନ ପୂର୍ବକ ନମୁନା ସର୍ବେକ୍ଷଣ ପଦ୍ଧତି ବ୍ୟବହାର କରଯାଇଥିଲା । ପାରିବାରିକ ସର୍ଭେ ବ୍ୟତୀତ ସମ୍ବଳ ମାନଚିତ୍ର, କେନ୍ଦ୍ରୀଭୂତ ଦଳଗତ ଆଲୋଚନା, ମୁଖ୍ୟ ତଥ୍ୟ ପ୍ରଦାନକାରୀଙ୍କ ସାକ୍ଷାତ କାର ଆଦି କୌଶଳ ବ୍ୟବହାର କରାଯାଇ ପ୍ରକଳ୍ପ ପ୍ରଭାବିତ ଲୋକଙ୍କଠାରୁ ଥଇଥାନ, ପୁନଃର୍ବାସ ଓ ପ୍ରଚଳିତ ଆଇନ ଅନୁସାରେ କ୍ଷତିପୂରଣ ସମ୍ବନ୍ଧରେ ପ୍ରତିକ୍ରିୟା ହାସଲ କରାଯାଇଛି । ଅଧ୍ୟୟନର ନିଷ୍କର୍ଷ ଅନୁଯାୟୀ ସମସ୍ତ ପ୍ରଭାବିତ ଲୋକ ଏହି ପ୍ରକଳ୍ପ ସମ୍ବନ୍ଧରେ ଅବଗତ ଅଛନ୍ତି ଏବଂ ସେମାନେ ଏହି ପ୍ରକଳ୍ପରୁ ଉଭୟ ସାମାଜିକ ଓ ଆର୍ଥିକ ଲାଭ ପାଇବେ ବୋଲି ରାଜ୍ୟ ଏସ. ଆଇ. ଏ ୟୁନିଟ, ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (NCDS) ଦ୍ୱାରା ନିଯୁକ୍ତ ହୋଇ ସର୍ଭେ କରିଥିବା ସଂସ୍ଥା Research & Analysis Consultants (RAC), Bhubaneswar ର ପ୍ରକଳ୍ପ ସଂଯୋଜକ (Project Co-ordinator) ଶ୍ରୀ ଦୀପକ କୁମାର ଦାଶ Expert Group ଆଗରେ ପ୍ରକାଶ କରିଥିଲେ ।

ପ୍ରକଳ୍ପ ନିର୍ମାଣ ସମୟରେ ସାମୟିକ/ଅସ୍ଥାୟୀ ଶ୍ରମିକ ଏବଂ ଯନ୍ତ୍ରି ମାନଙ୍କ ସହିତ ବହୁ ସଂଖ୍ୟକ ଶ୍ରମିକ ମାନଙ୍କୁ ଅନେକ ଦିନ ପର୍ଯ୍ୟନ୍ତ ନିର୍ମାଣ ସ୍ଥଳରେ କାର୍ଯ୍ୟ କରିବାର ଆଶା କରାଯାଏ । ନିର୍ମାଣ ସମୟରେ ଅନେକ ଅର୍ଦ୍ଧକୁଶଳୀ, ଅଣକୁଶଳୀ ଏବଂ ଆନୁଷାନିକ କର୍ମଚାରୀମାନେ ଲାଭଜନକ ନିଯୁକ୍ତି ସବୁ ପାଇବାର ଆଶା କରାଯାଏ । ନିଯୁକ୍ତି ସୁଯୋଗର ଉପଲବ୍ଧତା ଓ ମାଲପତ୍ର ଓ ସେବାର ଦାବି ହେତୁ ପ୍ରଭାବଟି ସକାରାତ୍ମକ ହେବ ବୋଲି ସମାଜ ବିଜ୍ଞାନୀ, ଡ. ଅଜୟ କୁମାର ମିଶ୍ର ମତ ପ୍ରକାଶ କଲେ ।

ପୁନଶ୍ଚ, ସମାଜ ବିଜ୍ଞାନୀ, ଡ. ଅଜୟ କୁମାର ମିଶ୍ର ଓ ଶ୍ରୀ ଜୟଧର ଶତନାମୀ ନିଜର ମତାମତ ଦେବାକୁ ଯାଇ କହିଲେ :- ପ୍ରସ୍ତାବିତ ଏହି ପ୍ରକଳ୍ପ ଦ୍ୱାରା ଅନେକ ଉପକାରୀ ପ୍ରଭାବ ରହିଛି । ଅଞ୍ଚଳ ନିମନ୍ତେ ପ୍ରସ୍ତାବିତ ଶକ୍ତି, କଳକାରଖାନା ଏବଂ ଖଣିଜ କ୍ଷେତ୍ରରେ କାର୍ଯ୍ୟକ୍ରମର ବୃଦ୍ଧି ହେତୁ ଉତ୍ପନ୍ନ ହେବାକୁଥିବା ଯାନବାହାନର ଭିଡର ପରିମାଣକୁ ଏହି ରାସ୍ତା ସମ୍ଭାଳିବାକୁ ସକ୍ଷମ ହେବ । ଏହା ଯାତାୟାତ ସମୟ, ଯାନବାହାନ ଚଳାଚଳ ଗତ ବାୟୁ ପ୍ରଦୂଷଣ, ଦୁର୍ଘଟଣା ଆଦି ହ୍ରାସ କରିବାରେ ସକ୍ଷମ ହେବ । ପରିବର୍ଦ୍ଧିତ ଗମନାଗମନ ବ୍ୟବସ୍ଥା ତଥା ଉତ୍ତମ ଉପଲବ୍ଧି ଏବଂ ରାସ୍ତାର ଆଖପାଖ ଅଞ୍ଚଳରେ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବ । ଜମି ହରାଉଥିବା ପରିବାରକୁ ଜୀବିକା ନିର୍ବାହ ନିମିତ୍ତ ପ୍ରଶିକ୍ଷଣ ଦେବାଲାଗି ମତବ୍ୟକ୍ତ କଲେ । ଜମି ହରାଉଥିବା ପରିବାରର ଅନ୍ୟତ୍ର ରହୁଥିବା ଉତ୍ତରାଧିକାରୀମାନେ କ୍ଷତିପୂରଣ ନେବାପାଇଁ ଆସିପାରୁନାହାନ୍ତି, ତେଣୁ ସେମାନଙ୍କପାଇଁ ଭୂ-ଅଧିଗ୍ରହଣ ନିୟମାନୁସାରେ ବିକଳ୍ପ ବ୍ୟବସ୍ଥା କରାଯିବା ଉଚିତବୋଲି କହିଲେ ।

ଉପରୋକ୍ତ ବିଷୟ ସବୁ ଆଲୋଚନା କଲାପରେ କମିଟି ନିମ୍ନଲିଖିତ କେତେକ ମୁଖ୍ୟ ବିଷୟ ବସ୍ତୁ ସମ୍ପର୍କରେ ଗୁରୁତ୍ୱ ପ୍ରଦାନ କରାଯିବା ଉଚିତ ବୋଲି ସୁପାରିଶ କଲେ ।

**କ୍ଷତିପୂରଣ ପ୍ରଦାନ**:- ପ୍ରଭାବିତ ପରିବାରର ଜମି ଓ ଅନ୍ୟାନ୍ୟ ସମ୍ପତ୍ତିର କ୍ଷତି ନିମନ୍ତେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉ ଯାହା ସେମାନଙ୍କ ପାଇଁ ବିକଳ୍ପ ରୋଜଗାର ସୃଷ୍ଟି କରିବ ।

**ନିଯୁକ୍ତି**:- ପ୍ରଭାବିତ ପରିବାର ଓ ସ୍ଥାନୀୟ ଲୋକମାନଙ୍କୁ ରାସ୍ତା ଓ ପୋଲ ନିର୍ମାଣ କାର୍ଯ୍ୟରେ ନିୟୋଜିତ କରିବାପାଇଁ ପ୍ରକଳ୍ପ ଅଧିକାରୀମାନେ ଯତ୍ନବାନ ହେବା ଉଚିତ ।

**ବୃକ୍ଷ ରୋପଣ ଓ ଗାର୍ଡୱାଲ ନିର୍ମାଣ**:- ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ନୂତନ ଭାବରେ ନିର୍ମାଣ ହେଉଥିବା ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ ତଥା ଅବଶ୍ୟକସ୍ଥଳେ ଗାର୍ଡୱାଲ ନିର୍ମାଣ ପାଇଁ ପ୍ରକଳ୍ପ ଅଧିକାରୀମାନେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଉଚିତ ।

**ଗୋରୁଗାଈଙ୍କ ସୁରକ୍ଷା ଓ ଆକସ୍ମିକ ଦୁର୍ଘଟଣା**:- ଗୋରୁଗାଈଙ୍କ ଦୁର୍ଘଟଣାକୁ ଏଡାଇବାପାଇଁ ରାସ୍ତାର ଉଭୟପାର୍ଶ୍ୱରେ ସଡକ ସୁରକ୍ଷା ରେଲିଙ୍ଗ ଏବଂ ଲୋକମାନଙ୍କ ଆକସ୍ମିକ ଦୁର୍ଘଟଣାରୁ ରକ୍ଷା ପାଇବାପାଇଁ ଗତି ଅବରୋଧକ (ହମ୍ପ), ସାବଧାନ ସୂଚନା ଫଳକ, ଜରୁରୀକାଳିନ ଲେଣ୍ଡିଙ୍ଗ ଏରିଆ ପ୍ରସ୍ତୁତ କରିବା ପାଇଁ ପ୍ରକଳ୍ପ ଅଧିକାରୀମାନେ ଦୃଷ୍ଟି ଦେବା ଆବଶ୍ୟକ ।

**ଜନଶୁଣାନି**:- କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟଳୟର ପତ୍ର ସଂଖ୍ୟା- ୧୧୮୩, ତାରିଖ- ୧୫.୧୨.୨୦୨୫ ଅନୁଯାୟୀ, ୨୯ ଡିସେମ୍ବର, ୨୦୨୫ ଦିନ ନର୍ଲା ତହସିଲ ଅନ୍ତର୍ଗତ ମାଣ୍ଡେଲ ଗ୍ରାମ ପଞ୍ଚାୟତ କାର୍ଯ୍ୟଳୟରେ ଏକ ଜନଶୁଣାନି କାର୍ଯ୍ୟକ୍ରମ କରଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ସରକାରୀ ଅଧିକାରିବୃନ୍ଦ, ଗ୍ରାମ ପଞ୍ଚାୟତର ସରପଞ୍ଚ, ନ୍ୟାୟୋଚିତ ଭାବରେ ପଟ୍ଟାଧାରୀ କିମ୍ବା ସେମାନଙ୍କର ପ୍ରତିନିଧି ଏବଂ କେତେକ ପରୋକ୍ଷ ପ୍ରଭାବିତ ପରିବାର ସମୂହ ଉପସ୍ଥିତ ଥିଲେ । ଉକ୍ତ ଜନଶୁଣାନି ସମୟରେ ସଂଗୃହିତ ସମସ୍ତ ମତାମତ, ସୂଚନା ଏବଂ ସେମାନଙ୍କର ବିଶ୍ଳେଷଣକୁ ଚୁଡାନ୍ତ ଏସ.ଆଇ.ଏ ରିପୋର୍ଟରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ପ୍ରକଳ୍ପ ସଂଯୋଜକ, ଶ୍ରୀ ଦୀପକ କୁମାର ଦାଶ କମିଟି ଆଗରେ ପ୍ରକାଶ କରିଥିଲେ ।

ସ୍ଥାନୀୟ ସରପଞ୍ଚମାନେ ଏହି ପ୍ରକଳ୍ପ ଦ୍ୱାରା ତାଙ୍କ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ହେବ ବୋଲି ମତ ପୋଷଣ କଲେ । ତତ ସଙ୍ଗେସଙ୍ଗେ ଉପୋରୋକ୍ତ ଜମି ଅଧିଗ୍ରହଣରେ ପ୍ରଭାବିତ ପରିବାରର ଜମି ଓ ଅନ୍ୟାନ୍ୟ ସମ୍ପତ୍ତିର କ୍ଷୟକ୍ଷତି ନିମନ୍ତେ ଓଡିଶା ସରକାରଙ୍କ ନିୟମାନୁସାରେ ଉପଯୁକ୍ତ କ୍ଷତିପୂରଣ ରାଶି ପ୍ରଦାନ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଉପଲବ୍ଧ କରାଇ ଦିଆଯାଉ ଯାହା ସେମାନଙ୍କ ପାଇଁ ବିକଳ୍ପ ରୋଜଗାର ସୃଷ୍ଟି କରିବ ଏବଂ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ଲୋକମାନଙ୍କୁ ନିୟୋଜିତ କରାଯାଉ ବୋଲି ଉପସ୍ଥିତ ସରପଞ୍ଚମାନେ କମିଟିକୁ ସୁପାରିଶ କଲେ । ପୁନଶ୍ଚ, ସାନ୍ଦୁଲ ନଦୀ ଉପରେ ନିର୍ମାଣାଧିନ ନୂତନ ସୁଉଚ୍ଚ ପୋଲ କଡରେ ନଦୀର ଉଭୟପାର୍ଶ୍ୱରେ ପାହାଚ ନିର୍ମାଣ କରିଦେଲେ ନଦୀକୁ ଯିବାଆସିବା ସୁବିଧା ହୋଇପାରିବ ବୋଲି ସ୍ଥାନୀୟ ଲୋକମାନଙ୍କ ପ୍ରତିନିଧି ଭାବରେ ସରପଞ୍ଚମାନେ ଏବଂ ସମାଜ ବିଜ୍ଞାନୀ, ଡ. ଅଜୟ କୁମାର ମିଶ୍ର ମିଳିତ ଭାବରେ କମିଟିକୁ ପ୍ରସ୍ତାବ ଦେଲେ ।

ସରପଞ୍ଚମାନଙ୍କ ଦାବୀ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ (ରେଭେନ୍ୟୁ), କଳାହାଣ୍ଡି ତଥା ବିଶେଷଜ୍ଞ କମିଟିର ଅଧ୍ୟକ୍ଷ ମତବ୍ୟକ୍ତ କଲେ ଯେ :- RFCTLA R&R Act'2013 ଯାହା ୨୦୧୪ ରୁ ଲାଗୁ କରାଯାଇଛି ତାହା ସମ୍ପୂର୍ଣ୍ଣରୂପେ ଏକ ଜନମଙ୍ଗଳକାରୀ ଆଇନ । ଏଥିରେ କ୍ଷତିଗ୍ରସ୍ତ ପ୍ରଜାମାନଙ୍କର ସମସ୍ତ ଦିଗ ପ୍ରତି ଧ୍ୟାନ ଦିଆଯାଇଛି । ତା' ସହ ପ୍ରକଳ୍ପ କ୍ଷତିଗ୍ରସ୍ତ ଲୋକମାନଙ୍କ ପୁନର୍ବାସ ଓ ଥଇଥାନକୁ ଅଗ୍ରାଧିକାର ଦିଆଯାଇଛି । ତେଣୁ ସରକାରଙ୍କ ଦ୍ୱାରା ପ୍ରଣୀତ ଏହି ଆଇନ ଅନୁସାରେ ସମସ୍ତେ କ୍ଷତିପୂରଣର ଉଚିତ ମୂଲ୍ୟ ପାଇବେ ।

ଏହି ସମ୍ପର୍କରେ ପ୍ରକଳ୍ପ ଅଧିକାରୀମାନଙ୍କ ଦ୍ୱାରା ପୂର୍ବରୁ ଉଚିତ ପଦକ୍ଷେପ ନିଆଯାଇଛି ବୋଲି ପୂର୍ତ୍ତ ବିଭାଗ, ଅଧିକ୍ଷଣ ଯନ୍ତ୍ରୀ ପ୍ରକାଶ କଲେ । ଏହି ପ୍ରକଳ୍ପ ନିର୍ମାଣ ଦ୍ୱାରା ସେହି ଅଞ୍ଚଳର ଲୋକମାନେ ଓ ମୋଟାମୋଟି ଭାବରେ ଦେଖିବାକୁ କଳାହାଣ୍ଡିବାସୀ ଅନେକ ଉପକୃତ ହେବେବୋଲି ସଦସ୍ୟମାନେ ମତ ପୋଷଣ କଲେ । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରୁ ଜଣାପଡୁଛି ଯେ ସମୁଦାୟକୁ ମିଳୁଥିବା ଲାଭ ତୁଳନାରେ ପରିବାର ଉପରେ ପଡୁଥିବା ନକରାତ୍ମକ ପ୍ରଭାବ ଅତି ନଗଣ୍ୟ ବୋଲି କମିଟିର ସଦସ୍ୟ ଥିବା ସମାଜ ବିଜ୍ଞାନୀ ଡକ୍ଟର ଅଜୟ କୁମାର ମିଶ୍ର ଏବଂ ଶ୍ରୀ ଜୟଧର ସତନାମୀ ପ୍ରକାଶ କଲେ ।

କମିଟି ଦ୍ୱାରା ପ୍ରକଳ୍ପର ସମସ୍ତ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ସମସ୍ତେ ଏହି ନିର୍ଯ୍ୟାସ ରେ ଉପନୀତ ହେଲେ ଯେ :-

୦୧ - ଏହି ପ୍ରକଳ୍ପ ଦ୍ୱାରା ସେହି ଅଞ୍ଚଳ ଓ ଅଞ୍ଚଳବାସୀ ଅନେକ ମାତ୍ରାରେ ଉପକୃତ ହେବେ ଏବଂ ସହରର ଆର୍ଥିକ ବିକାଶରେ ଏକ ନୂତନ ଅଧ୍ୟାୟର ଆରମ୍ଭ ହେବ ।

୦୨- ସାମୁହିକ ଓ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ନିର୍ମିତ ହେଉଥିବା ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳ ଓ ଅଞ୍ଚଳବାସୀଙ୍କୁ ମିଳୁଥିବା ଲାଭ ତୁଳନାରେ କ୍ଷତିର ପରିମାଣ ଅତି ନଗଣ୍ୟ ।

୦୩- ପ୍ରସ୍ତାବିତ ଜମି ଅଧିଗ୍ରହଣ ଦ୍ୱାରା ପୂଜିପଦର ଓ ବିଲାଟ ଗ୍ରାମରୁ କୌଣସି ପରିବାର ବିସ୍ଥାପିତ ହେଉନାହାଁନ୍ତି ।

ଏହି ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଏହି ପ୍ରକଳ୍ପ ଏକାନ୍ତ ଆବଶ୍ୟକ ଓ ସ୍ୱାଗତଯୋଗ୍ୟ, ତେଣୁ ଏଥିପାଇଁ ଭୂମି ଅଧିଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଉବୋଲି କମିଟିର ସମସ୍ତ ସଦସ୍ୟ ଏକ ସ୍ୱରରେ କହିଲେ ।

ଅତିରିକ୍ତ ଜିଲ୍ଲାପାଳ (ରେଭେନ୍ୟୁ), କଳାହାଣ୍ଡି ତଥା ବିଶେଷଜ୍ଞ କମିଟିର ଅଧକ୍ଷ ଏଥିପାଇଁ ସମସ୍ତଙ୍କର ସହଯୋଗ ଓ ସଦିଚ୍ଛା କାମନା କଲେ ।

ଶେଷରେ ଭୂ-ଅର୍ଜନ ଅଧିକାରୀ, କଳାହାଣ୍ଡି ସମସ୍ତଙ୍କୁ ସେମାନଙ୍କର ସକ୍ରିୟ ଯୋଗଦାନ ତଥା ସ୍ୱାଧୀନ ମତ ବ୍ୟକ୍ତ କରିଥିବାରୁ ଧନ୍ୟବାଦ ଅର୍ପଣ କଲେ ।

ଭୂ-ଅର୍ଜନ ଅଧିକାରୀ
କଳାହାଣ୍ଡି

ତହସିଲଦାର
ନର୍ଲା

ଅଧିକ୍ଷଣ ଯନ୍ତ୍ରୀ
ପୂର୍ତ୍ତ ବିଭାଗ,କଳାହାଣ୍ଡି

Sudhangoma Naik
ସରପଞ୍ଚ
ମାଣ୍ଡେଲ ଗ୍ରାମ ପଞ୍ଚାୟତ

ସରପଞ୍ଚ
ରୁପ୍ରା ରୋଡ ଗ୍ରାମ ପଞ୍ଚାୟତ

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ନର୍ଲା

ଡ. ଅଜୟ କୁମାର ମିଶ୍ର,
ଅବସର ପ୍ରାପ୍ତ ରିଡର (ଭୂଗୋଳ),
ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ,
ଭବାନୀପାଟଣା

ଶ୍ରୀ ଜୟଧର ଶତନାମୀ,
ଅବସର ପ୍ରାପ୍ତ ରିଡର (ଅର୍ଥନୀତି),
ସରକାରୀ ମହିଳା ମହାବିଦ୍ୟାଳୟ,
ଭବାନୀପାଟଣା

ଉପ-ଜିଲ୍ଲାପାଳ
ଭବାନୀପାଟଣାଙ୍କ ପ୍ରତିନିଧି

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ଅଧକ୍ଷ,
ବିଶେଷଜ୍ଞ କମିଟି, କଳାହାଣ୍ଡି